# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 19th September - 2025

*********************************

*Cuttack/R*

## ପାର୍ବଣ - ଟ୍ରାଫିକ୍

ହାଇକୋର୍ଟରେ କଟକ ସହରର ବିଭିନ୍ନ ସମସ୍ୟା ନେଇ ଶୁଣାଣି ହୋଇଛି । ଜଷ୍ଟିସ୍ ସଙ୍ଗମ କୁମାରସାହୁ ଏବଂ ଜଷ୍ଟିସ୍ ଭି. ନରସିଂହଙ୍କ ଖଣ୍ଡପୀଠ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଟ୍ରାଫିକ୍ ପରିଚାଳନା ନେଇ ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ କଟକ ଡି.ସି.ପି. ଡ଼ି. ରିଶିକେଶ ଖିଲାରି ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି ।

*Desk*

## ଖଣି ନିଲାମ

ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ୧୨ଟି ଖଣି ନିଲାମ ହେବ । ବିଭାଗ ପକ୍ଷରୁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ବିଧାନସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ସୁନ୍ଦରଗଡ଼,

କେନ୍ଦୁଝର, ବଲାଙ୍ଗିର, ନୂଆପଡ଼ା ଓ କୋରାପୁଟରେ ଥିବା ବିଭିନ୍ନ ଖଣିକୁ ନିଲାମ କରାଯିବ ।

***BBSR/R***

## ଶକ୍ତି

ପମ୍ପ୍ ଷ୍ଟୋରେଜ୍ ହାଇଡ୍ରୋ ପ୍ରୋଜେକ୍ଟ ଭାରତର ଶକ୍ତି ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଶ୍ରୀ ସିଂହଦେଓ କହିଛନ୍ତି, ଶକ୍ତି ସଂରକ୍ଷଣ ଭିତ୍ତିଭୂମିକୁ ଦ୍ରୁତଗତିରେ ବିକଶିତ କରିବା ଏବଂ ଗ୍ରୀଡ୍‌ରେ ନବୀକରଣୀୟ ଶକ୍ତିର ସମନ୍ୱୟକୁ ରକ୍ଷା କରିବାପାଇଁ ପମ୍ପ୍ ଷ୍ଟୋରେଜ୍ ନୀତିକୁ ଅଧିସୂଚିତ କରାଯାଇଛି ।

***Desk***

## ପ୍ରାଚୀନ ଦୁର୍ଗାମେଢ଼

ରାଜ୍ୟର ପ୍ରାଚୀନ ଦୁର୍ଗାମେଢ଼ପାଇଁ ରାଜ୍ୟ ସରକାର ଆର୍ଥିକ ଅନୁଦାନ ଦେବେ । ଏ ସମ୍ପର୍କରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖାଯାଇଛି । ଏନେଇ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଥିବା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

***Voice (Suraj) :..........***

***IPR***

# ପ୍ରାଧ୍ୟାପକ ଡାକ୍ତର ନିଯୁକ୍ତି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ସରକାର ୯୧ ଜଣ ସହକାରୀ ପ୍ରାଧ୍ୟାପକ ଏବଂ ୭ ଜଣ ସହାୟକ ପ୍ରାଧ୍ୟାପକଙ୍କୁ ନିଯୁକ୍ତି ଦେଇଛନ୍ତି । ଏହାସହ ବିଭିନ୍ନ ମେଡିକାଲ୍ କଲେଜରେ ୩୮ଟି ପ୍ରାଧ୍ୟାପକ ଏବଂ ୨୭ଟି ସହକାରୀ ପ୍ରାଧ୍ୟାପକ ପଦବୀକୁ ବିଭାଗୀୟ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇଛି ।

***BBSR/R***

# ଜି.ଏସ୍.ଟି.

ଜି.ଏସ୍.ଟି. ସଂସ୍କାରଦ୍ୱାରା କେବଳ ଜି.ଏସ୍.ଟି. ହାର କମ୍ ହେବ ନାହିଁ; ବରଂ ସାଧାରଣ ଜନତାଙ୍କ ଜୀବନ ଯାପନରେ ବ୍ୟାପକ ପରିବର୍ତ୍ତନ ଅସିବ ବୋଲି ବି.ଜେ.ପି. ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି । ଭୁବନେଶ୍ୱରରେ ଜି.ଏସ୍.ଟି. ସଂସ୍କାରରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀ ଚୁଗ୍ କହିଛନ୍ତି, ନୂତନ ପିଢ଼ିର ଜି.ଏସ୍.ଟି. ସୁଧାରଦ୍ୱାରା ଦେଶବାସୀଙ୍କୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ମିଳିବ । ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ସୁଦୃଢ଼ ଶକ୍ତି ଓ ଗତି ପ୍ରଦାନ କରିବ ବୋଲି ଶ୍ରୀ ଚୁଗ୍ କହିଛନ୍ତି ।

***Voice (Chug)*** :............

*IPR*

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଦ୍ୱିତୀୟ ଟ୍ରେନ୍ ଆଜି ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ରେଳଷ୍ଟେସନଠାରୁ ଯାତ୍ରା ଆରମ୍ଭ କରିବ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଶୁଭାରମ୍ଭ କରିବେ । ଟ୍ରେନ୍‌ଟି ୭୭୫ ଜଣ ବରିଷ୍ଠ ନାଗରିକ ଏବଂ ୨୫ ଜଣ ଏସ୍କର୍ଟ ଅଧିକାରୀଙ୍କୁ ନେଇ ଅଯୋଧ୍ୟା, ବାରାଣାସୀ ଅଭିମୁଖେ ଯାତ୍ରା କରିବ ।

***Kandhamal/R***

# ତୀର୍ଥଯାତ୍ରା

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କନ୍ଧମାଳ ଜିଲ୍ଲାରୁ ୯୧ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣାସୀ ଯାତ୍ରା କରିଛନ୍ତି । ଜିଲ୍ଲାପାଳ ବେଦଭୂଷଣ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ ।

*Desk, Nabaranpur/R*

## ସୁସ୍ଥନାରୀ ସଶକ୍ତ ପରିବାର

ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୮ ହଜାର ୨୯୮ଟି ଶିବିରରେ ମହିଳାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ଏଥିରେ ୪୫ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କ ଟିକାକରଣ ହୋଇଥିବାବେଳେ ୮୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଏବଂ କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଛି ।

ନବରଙ୍ଗପୁର ଜିଲ୍ଲା ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଅଭିଯାନରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଇଛି ।

*Nayagarh/R*

## ଚାରାରୋପଣ

ନୟାଗଡ଼ ଜିଲ୍ଲା କେନ୍ଦୁଡିପି ପଞ୍ଚାୟତର ଶୁକ୍ରା ବେହେରା ଡିଗ୍ରୀ କଲେଜରେ ଏକ୍ ପେଡ୍ ମା' କେ ନାମ୍ ଅଭିଯାନରେ ଚାରାରୋପଣ କରାଯାଇଛି । ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମା'ମାନଙ୍କୁ ସମ୍ମାନ ଦେବା ସହ ଏକ ସବୁଜ ଓଡ଼ିଶା ଗଠନ ଲକ୍ଷ୍ୟରେ ପ୍ରତ୍ୟେକ ନାଗରିକ ଗଛଟିଏ ଲଗାଇବାପାଇଁ ଆହ୍ୱାନ ଦେଇଥିଲେ ।

***Sonepur/R***

## ମହକ

ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଶିଶୁଗୃହର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ବାର୍ଷିକୋତ୍ସବ 'ମହକ' ଜିଲ୍ଲା ସଂସ୍କୃତି ଭବନ ପରିସରରେ ଉଦ୍‌ଯାପିତ ହୋଇଯାଇଛି । ଦୁଇଦିନ ବ୍ୟାପୀ ଆୟୋଜିତ ଉତ୍ସବର ଉଦ୍‌ଯାପନୀ ଦିବସରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

***Kandhamal/R***

## ଆଇନ ସଚେତନତା

କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

***Cuttack/R***

## ପ୍ରୋ-ଟ୍ୱେଣ୍ଟି କ୍ରିକେଟ୍

କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ଚାଲୁଥିବା ଓଡ଼ିଶା ପ୍ରୋ-ଟ୍ୱେଣ୍ଟି କ୍ରିକେଟ ଲିଗ୍‌ରେ ଗତକାଲି କେନ୍ଦୁଝର ମାଇନସ୍' ପୁରୀ ଟାଇଟନ୍‌ସକୁ ୪୫

ରନ୍‌ରେ ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ ସମ୍ବଲପୁର ଓ୍ୱାରିୟର୍ସ' ରାଉରକେଲା ଷ୍ଟିଲର୍ସକୁ ହରାଇ ବିଜୟୀ ହୋଇଛି ।

***Desk***

# ପାଣିପାଗ

ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୩ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****